**ସୂଚିତଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**
**ଦେୱାନୀ ଆବେଦନ ଅଧିକାରିତା**

**ଦେୱାନୀ ଆବେଦନ ସଂଖ୍ୟାଗୁଡ଼ିକ ୧୦୫୮୮-୮୯/୨୦୧୮**
**(@ଏସ ଏଲ ପି (ସି) ସଂଖ୍ୟା ୧୨୩୫୯-୧୨୩୬୦/୨୦୧୮)**

ସେବାସ୍ତିଆନି ଲାକ୍ରା ଏବଂ ଅନ୍ୟମାନେ ...ଆବେଦନକାରୀ(ମାନେ)

ବନାମ

ଜାତୀୟ ବୀମା କମ୍ପାନୀ ଲିମିଟେଡ୍ ଏବଂ ଅନ୍ୟଜଣେ ...ଉତ୍ତରଦାତା(ମାନେ)

**ରାୟ**

**ଦୀପକ ଗୁପ୍ତା, ନ୍ୟାୟମୂର୍ତ୍ତି**

ଅନୁମତି ପ୍ରଦାନ କରାଗଲା ।

୨. ଦାବିଦାର-ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନଗୁଡ଼ିକ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୨୧. ୧୨. ୨୦୧୭ ତାରିଖର ରାୟ ବିରୁଦ୍ଧରେ ଉଦ୍ଦିଷ୍ଟ ଯେଉଁଥିରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ବିଚାରପତି ତଥା ପଞ୍ଚମ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ, ରାଉରକେଲା (ଏହାପରେ 'ଏମଏସିଟି '

ଭାବରେ ସୂଚିତ)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୪୦,୯୦,୦୦୦ ଟଙ୍କା କ୍ଷତିପୂରଣକୁ ୩୬,୦୦,୦୦୦ ଟଙ୍କାକୁ ହ୍ରାସ କରାଯାଇଛି ।

୩. ଏମଏସିଟି ଜାଣିବାକୁ ପାଇଥିଲେ ଯେ ମୃତ ବ୍ୟକ୍ତିଙ୍କ ସଂଶୋଧିତ ମୌଳିକ ବେତନ ୫୧,୩୨୮ ଟଙ୍କା ଥିଲା ଏବଂ ସେ ମୃତ୍ୟୁ ସମୟରେ ୭,୨୩୭ ଟଙ୍କା ମହଙ୍ଗାଭତ୍ତା ପାଇବାକୁ ହକଦାର ଥିଲେ । ଅର୍ଥାତ ସେ ମୋଟ ୫୮,୫୬୫ ଟଙ୍କା ଦରମା ପାଉଥିଲେ । ତଥାପି, ଏମଏସିଟି କ୍ଷତିପୂରଣ ଉଦ୍ଦେଶ୍ୟରେ, ମୃତକଙ୍କ ମାସିକ ଆୟ ୫୦,୦୦୦ ଟଙ୍କା ଆକଳନ କରିଥିଲେ ଏବଂ ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚ ବାବଦକୁ ୧/୩ କାଟି ମାସିକ ୩୩,୩୩୩ ଟଙ୍କା ସ୍ଥିର କରିଥିଲେ । ଯେହେତୁ ମୃତକଙ୍କୁ ୫୨ ବର୍ଷ ବୟସ ହୋଇଥିଲା, ***ସରଳା ବର୍ମା ବନାମ ଡିଟିସି***[1] ମାମଲାରେ ଏହି ନ୍ୟାୟାଳୟଙ୍କ ରାୟକୁ ଅନୁସରଣ କରି, ଏମଏସିଟି, ୧୧ ର ଗୁଣକ ପ୍ରୟୋଗ କରି ଆୟର କ୍ଷତି ପାଇଁ ୪୦,୦୦,୦୦୦ ଟଙ୍କା, ଅନ୍ତିମ ସଂସ୍କାର ଖର୍ଚ୍ଚ ପାଇଁ ୨୫,୦୦୦ ଟଙ୍କା, ସମ୍ପତ୍ତି କ୍ଷତି ପାଇଁ ୫,୦୦୦ ଟଙ୍କା, ବ୍ୟବସାୟିକ ସଂଘର କ୍ଷତି ପାଇଁ ୫୦,୦୦୦ ଟଙ୍କା ଏବଂ ସ୍ନେହାନୁରାଗ କ୍ଷତି ପାଇଁ ୧୦,୦୦୦ ଟଙ୍କା କ୍ଷତିପୂରଣ ଆକଳନ କରି ଦାବିଦାରମାନଙ୍କୁ ମୋଟ ୪୦,୯୦,୦୦୦ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା । ଦାବିଦାର ଏବଂ ବୀମା କମ୍ପାନୀ କ୍ଷତିପୂରଣ ପରିମାଣକୁ ଆହ୍ୱାନ କରି ପୁନର୍ବିଚାର ଆବେଦନ କରିଥିଲେ । ବୀମା କମ୍ପାନୀ ଦ୍ୱାରା ଉପସ୍ଥାପିତ ମୁଖ୍ୟ ଆଧାର ଥିଲା ଯେ କର୍ମଚାରୀ ପରିବାର ଲାଭ ଯୋଜନା

---

[1] (୨୦୦୯)୬ ଏସସିସି ୧୨୧

(ସଂକ୍ଷେପରେ 'ଇଏଫବି ସ୍କିମ୍') ଅଧୀନରେ ଦାବିଦାରମାନଙ୍କୁ ମାସକୁ ୫୦,୦୮୨ ଟଙ୍କା ପ୍ରଦାନ କରାଯାଉଥିଲା । ଉଚ୍ଚ ନ୍ୟାୟାଳୟ କୌଣସି କାରଣ ନଦେଇ କ୍ଷତିପୂରଣ ପରିମାଣକୁ ପ୍ରାୟ ୫,୦୦,୦୦୦ ଟଙ୍କା ହ୍ରାସ କରି ୩୬,୦୦,୦୦୦ ଟଙ୍କା କରିଛନ୍ତି । କାରଣଗୁଡ଼ିକ ହେଉଛି ଯେକୌଣସି ନ୍ୟାୟୀକ ନିଷ୍ପତ୍ତିର ହୃଦୟ ଏବଂ ଆତ୍ମା । କୌଣସି ନ୍ୟାୟିକ ଆଦେଶ ବିନା କାରଣରେ ସମ୍ପୂର୍ଣ୍ଣ ହୁଏ ନାହିଁ ଏବଂ ଏହା ଆଶା କରାଯାଏ ଯେ ପ୍ରତ୍ୟେକ ନ୍ୟାୟାଳୟ ଯିଏ ଏକ ଆଦେଶ ପାରିତ କରନ୍ତି, ସେ ଏହାର କାରଣ ଦେବା ଉଚିତ୍ ।

୪. ଆମେ ପକ୍ଷମାନଙ୍କ ପାଇଁ ଥିବା ଓକିଲଙ୍କୁ ଶୁଣିଛୁ, ଏବଂ ଏହା ଆମ ସମ୍ମୁଖରେ ବିବାଦୀୟ ନୁହେଁ ଯେ, ମହଙ୍ଗାଭତ୍ତା ସମେତ ମୃତକଙ୍କ ଶେଷ ଆୟ ମାସିକ ୫୮,୫୬୫ ଟଙ୍କା ଥିଲା । ବୀମା କମ୍ପାନୀ ଅନୁଯାୟୀ, ଯେହେତୁ ଦାବିଦାରମାନେ ଇଏଫବି ସ୍କିମ୍ ଅଧୀନରେ ୫୦,୦୮୨ ଟଙ୍କା ପାଉଛନ୍ତି, ***ରିଲାଏନ୍ସ ଜେନେରାଲ୍ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ବନାମ ଶଶି ଶର୍ମା***[2] ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଅନୁଯାୟୀ ଏହି ରାଶି କଟାଯିବା ଉଚିତ । ଅନ୍ୟପକ୍ଷରେ, ଦାବିଦାର/ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ ***ହେଲେନ ସି. ରେବେଲୋ ବନାମ ମହାରାଷ୍ଟ୍ର ଏସଆରଟିସି***[3] ଏବଂ ***ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ବନାମ ପାଟ୍ରିସିଆ ଜିନ୍ ମହାଜନ***[4] ମାମଲାରେ ଏହି ନ୍ୟାୟାଳୟ ଦେଇଥିବା ରାୟକୁ ଦୃଷ୍ଟିରେ ରଖି କୌଣସି ଛାଡ଼ କରାଯିବା ଉଚିତ

---

[2] (୨୦୧୬) ୯ ଏସସିସି ୬୨୭

[3] (୧୯୯୯) ୧ ଏସସିସି ୯୦

[4] (୨୦୦୨) ୬ ଏସସିସି ୨୮୧

ନୁହେଁ । ଆବେଦନକାରୀମାନେ ପୁନଃ ଯୁକ୍ତି କରିଛନ୍ତି ଯେ, ବାସ୍ତବରେ, ***ନ୍ୟାସନାଲ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ବନାମ ପ୍ରଣୟ ସେଠି***[5] ମାମଲାରେ ଦିଆଯାଇଥିବା ରାୟ ଅନୁଯାୟୀ, ଭବିଷ୍ୟତର ସମ୍ଭାବନା ପାଇଁ ୧୫ ପ୍ରତିଶତ ଯୋଡାଯିବା ଉଚିତ ।

୫. ମୋଟର ଯାନ ଅଧିନିୟମ, ୧୯୮୮ ର ଧାରା ୧୬୮(ସଂକ୍ଷେପରେ 'ଅଧିନିୟମ') ଆଦେଶ ଦିଏ ଯେ ଦାବିଦାରମାନଙ୍କୁ "ନ୍ୟାୟସଙ୍ଗତ କ୍ଷତିପୂରଣ" ପ୍ରଦାନ କରାଯିବା ଉଚିତ । କ୍ଷତିପୂରଣ ଗଣନାର କୌଣସି ପଦ୍ଧତି ଯାହା 'ନ୍ୟାୟସଙ୍ଗତ କ୍ଷତିପୂରଣ' ରେ ପରିଣତ ହୁଏ ନାହିଁ ତାହା ଅଧିନିୟମ ଅନୁଯାୟୀ ହେବନାହିଁ । "ନ୍ୟାୟସଙ୍ଗତ" ଶବ୍ଦର ବିସ୍ତାର ଅତି ବ୍ୟାପକ । ଅଦାଲତମାନେ ଏହି ଶବ୍ଦକୁ ଏପରି ଭାବରେ ବ୍ୟାଖ୍ୟା କରିବା ଆବଶ୍ୟକ ଯାହା ଅଧିନିୟମର ଉଦ୍ଦେଶ୍ୟକୁ ପୂରଣ କରେ, ଯାହା ମୃତ ବ୍ୟକ୍ତିଙ୍କ ନିର୍ଭରଶୀଳଙ୍କୁ ପର୍ଯ୍ୟାପ୍ତ ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଦେବ । ଏହା ମଧ ମନେ ରଖିବା ଉଚିତ ଯେ କ୍ଷତିପୂରଣ କେବଳ ଥରେ ପ୍ରଦାନ କରାଯାଇପାରିବ ଏବଂ ବାରମ୍ବାର ନୁହେଁ ।

6. ପାରମ୍ପାରିକ ମତ ଥିଲା ଯେ, କ୍ଷତିପୂରଣର ଆକଳନ କରିବା ସମୟରେ, ନ୍ୟାୟାଳୟ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଦ୍ୱାରା ଦାବିଦାରମାନଙ୍କୁ ହୋଇଥିବା ଆୟର କ୍ଷତିର ଆକଳନ କରିବା ଏବଂ ମୃତ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ଉପାର୍ଜିତ ଲାଭ ସହିତ ଏହାକୁ ସନ୍ତୁଳିତ କରିବା ଉଚିତ । ତଥାପି, ଯେତେବେଳେ ଏହି ପାରମ୍ପାରିକ ଦୃଷ୍ଟିକୋଣ ଅନୁସରଣ

[5] (୨୦୧୭) ୧୬ ଏସସିସି ୬୮୦

କରାଯାଉଥିଲା, ଏହା ଆଇନର ଏକ ସ୍ଥିର ସ୍ଥିତି ଥିଲା ଯେ ତ୍ରୁଟିକର୍ତ୍ତା ଅନ୍ୟମାନଙ୍କର ଉଦାରତା କିମ୍ବା ଆନୁତୋଷିକର ଲାଭ ନେଇପାରିବେ ନାହିଁ |

୭. ***ହେଲେନ ସି. ରେବେଲୋ*** ମାମଲାରେ (ଉପରୋକ୍ତ), ପ୍ରସଙ୍ଗଟି ଥିଲା ଯେ ଭବିଷ୍ୟନିଧି ପାଣ୍ଠି, ଅବସରକାଳୀନ ଭତ୍ତା, ଜୀବନ ବୀମା ପଲିସି ଏବଂ ସେହିପରି ନଗଦ, ବ୍ୟାଙ୍କ ଜମା, ଅଂଶ, ସ୍ଥାୟୀ ଜମା ଇତ୍ୟାଦି ମାଧ୍ୟମରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ପ୍ରାପ୍ତ ରାଶି ମୃତ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରାପ୍ତ 'ଆର୍ଥିକ ଲାଭ' କି ଏବଂ କ୍ଷତିପୂରଣରୁ କାଟିବାକୁ ଯୋଗ୍ୟ ହେବ କି । ଏହି ଅଦାଲତ କହିଛନ୍ତି ଯେ ମୋଟର ଯାନ ଅଧିନିୟମ ଅନୁଯାୟୀ ନିର୍ଭରଶୀଳଙ୍କ ଦ୍ୱାରା ଗ୍ରହଣଯୋଗ୍ୟ କ୍ଷତିପୂରଣ ସହିତ ଏହି ପରିମାଣର କୌଣସି ସମ୍ପର୍କ ନାହିଁ । ନ୍ୟାୟାଳୟ ନିମ୍ନୋକ୍ତ ମନ୍ତବ୍ୟ ଦେଇଥିଲେ ।

> "୩୫. ମୋଟାମୋଟି ଭାବେ, ଆମେ ଭବିଷ୍ୟନିଧି ପାଣ୍ଠି ପ୍ରାପ୍ତିକୁ ଯାଞ୍ଚ କରିପାରିବା, ଯାହା ଜଣେ କର୍ମଚାରୀଙ୍କ ଦ୍ୱାରା ତାଙ୍କ ସେବା କାର୍ଯ୍ୟକାଳ ସମୟରେ ଦିଆଯାଇଥିବା ଯୋଗଦାନରୁ ଏକ ସ୍ଥଗିତ ଦେୟ ଅଟେ । ଏଭଳି କର୍ମଚାରୀ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ଦୁର୍ଘଟଣାଜନିତ ମୃତ୍ୟୁ ନିର୍ବିଶେଷରେ ଏହି ରାଶି ପାଇବାକୁ ହକଦାର ଅଟନ୍ତି । ଏହି ପରିମାଣ ସୁରକ୍ଷିତ ଅଟେ, ପ୍ରାପ୍ୟ ଗ୍ରହଣ କରାଯିବା ନିଶ୍ଚିତ ଯେତେବେଳେ କି ମୋଟର ଯାନ ଅଧିନିୟମ ଅନୁଯାୟୀ ପରିମାଣ ଅନିଶ୍ଚିତ ଏବଂ କେବଳ ଘଟଣା ଘଟିବା ପରେ ଗ୍ରହଣଯୋଗ୍ୟ, ଅର୍ଥାତ ଦୁର୍ଘଟଣା, ଯାହା ଆଦୌ ବି ହୋଇ ନ ପାରେ । ସେହିଭଳି, ପାରିବାରିକ ଭତ୍ତା ମଧ୍ୟ ଜଣେ କର୍ମଚାରୀଙ୍କ ଦ୍ୱାରା ତାଙ୍କ ପରିବାରର ସୁବିଧା ପାଇଁ ତାଙ୍କର ସେବାରେ ଯୋଗଦାନ ଥିବାରୁ ତାଙ୍କ ମୃତ୍ୟୁ ପରେ ସେବା ସର୍ତ୍ତାବଳୀ ଅନୁଯାୟୀ ଉତ୍ତରାଧିକାରୀଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୁଏ । ଆକସ୍ମିକ ମୃତ୍ୟୁ ବ୍ୟତୀତ ଅନ୍ୟଥାରେ ମଧ୍ୟ ଉତ୍ତରାଧିକାରୀମାନେ ପାରିବାରିକ ଭତ୍ତା ପାଆନ୍ତି । ଦୁହିଁଙ୍କ ମଧ୍ୟରେ କୌଣସି ପାରସ୍ପାରିକ ବୁଝାମଣା ନାହିଁ । ସେହିଭଳି, ଜୀବନ ବୀମା ପଲିସି

ବୀମାକାରୀ କିମ୍ବା ବୀମାକାରୀଙ୍କ ଉତ୍ତରାଧିକାରୀଙ୍କ ଦ୍ଵାରା ବୀମାକର୍ତ୍ତାଙ୍କ ସହ ହୋଇଥିବା ଚୁକ୍ତି ଆଧାରରେ ଗ୍ରହଣ କରାଯାଇଥାଏ, ଯେଉଁଥିପାଇଁ ବୀମାକାରୀ ବୀମା କିସ୍ତି ଆକାରରେ ଯୋଗଦାନ କରିଥାନ୍ତି । ଯଦି ବିମାକୃତ ବ୍ୟକ୍ତି ସମସ୍ତ ବୀମା କିସ୍ତି ପ୍ରଦାନ କରିବା ପରେ ପରିପକ୍ଵତା ପର୍ଯ୍ୟନ୍ତ ବଞ୍ଚନ୍ତି, ତେବେ ମଧ୍ୟ ଏହା ତାଙ୍କ ଦ୍ଵାରା ଗ୍ରହଣଯୋଗ୍ୟ । ମୃତ୍ୟୁ କ୍ଷେତ୍ରରେ, ବୀମାକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ବୀମାକିସ୍ତି ପାଇଁ ଚୁକ୍ତିନାମା ଅନୁଯାୟୀ ବୀମାକର୍ତ୍ତା ଉତ୍ତରାଧିକାରୀମାନଙ୍କୁ ରାଶି ପ୍ରଦାନ କରିବାକୁ ପ୍ରତିଶୃତିବଦ୍ଧ ହୋଇଥାନ୍ତି । ପୁନର୍ବାର, ଏହି ରାଶି ଦାବିଦାରଙ୍କ ଦ୍ଵାରା କୌଣସି ଆକସ୍ମିକ ମୃତ୍ୟୁ କାରଣରୁ ନୁହେଁ ବରଂ ଅନ୍ୟଥା ବୀମାଭୁକ୍ତ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ଗ୍ରହଣଯୋଗ୍ୟ । ଚୁକ୍ତି ଦୃଷ୍ଟିରୁ ରାଶି ଗ୍ରହଣ କରିବା ପାଇଁ ମୃତ୍ୟୁ ହେଉଛି କେବଳ ଏକ ପଦକ୍ଷେପ କିମ୍ବା ଆକସ୍ମିକତା । ସେହିଭଳି ଯେକୌଣସି ନଗଦ, ବ୍ୟାଙ୍କ ଜମା, ଅଂଶ, ସ୍ଥାୟୀ ଜମା ଇତ୍ୟାଦି ଯଦିଓ ସମସ୍ତ ଅର୍ଥ ସମ୍ବନ୍ଧୀୟ ସୁବିଧା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ଉତ୍ତରାଧିକାରୀଙ୍କ ଦ୍ଵାରା ଗ୍ରହଣଯୋଗ୍ୟ ହୋଇଥାଏ, କିନ୍ତୁ ଏ ସବୁର କୌଣସି ପାରସ୍ପାରିକ ସମ୍ପର୍କ ନାହିଁ, ଯାହା କେବଳ ଦୁର୍ଘଟଣାଜନିତ ମୃତ୍ୟୁ କାରଣରୁ ଏକ ବିଧାନ ଅନୁଯାୟୀ ଗ୍ରହଣଯୋଗ୍ୟ । ଏପରି ରାଶି ମୋଟର ଯାନ ଅଧିନିୟମର ପରିଧି ମଧ୍ୟରେ କିପରି ଆସିପାରିବ, ଯାହାକୁ "ଆର୍ଥିକ ଲାଭ" ବୋଲି କୁହାଯାଇପାରେ, ଯାହା ଛାଡ଼ ପାଇଁ ଦାୟୀ । ଯେତେବେଳେ ଆମେ କ୍ଷତି ଏବଂ ଲାଭର ନୀତି ଅନ୍ଵେଷଣ କରୁ, ସେଗୁଡିକ ମଧ୍ୟରେ ପାରସ୍ପାରିକ ସମ୍ବନ୍ଧ ଥାଇ ଏହା ଏକ ସାଦୃଶ୍ୟ ଏବଂ ସମାନ ସ୍ତରରେ, ହେବା ଦରକାର ଏବଂ ଏଥିରେ ନୁହେଁ ଯେଉଁଥିରେ କୌଣସି ସହସମ୍ପର୍କର ଝଲକ ନଥାଏ, ରହିବା ଆବଶ୍ୟକ । ବୀମାକୃତ ବ୍ୟକ୍ତି (ମୃତ) ନିଜର ଅର୍ଥ ଦାନ କରନ୍ତି, ଯେଉଁଥିପାଇଁ ସେ ସେହି ପରିମାଣ ଅର୍ଥ ଗ୍ରହଣ କରନ୍ତି, ଯାହାର ଦୁର୍ଘଟଣା କାରଣରୁ ତାଙ୍କ ଅବହେଳା ପାଇଁ ତ୍ରୁଟିକାରୀଙ୍କ ବିରୁଦ୍ଧରେ ଗଣନା କରାଯାଇଥିବା କ୍ଷତିପୂରଣରେ କୌଣସି ସହସମ୍ପର୍କ ନାହିଁ । ଉପରୋକ୍ତ ଭାବରେ, ଏହି ଅଧିନିୟମ ଅନୁଯାୟୀ କ୍ଷତିପୂରଣ ଭାବରେ ଗ୍ରହଣଯୋଗ୍ୟ ରାଶି ବିମାକୃତ ବ୍ୟକ୍ତିଙ୍କ କୌଣସି ସମ୍ପୃକ୍ତ ନଥାଇ ଆଘାତ କିମ୍ବା ମୃତ୍ୟୁ କାରଣରୁ ପ୍ରାପ୍ୟ ହୋଇଥାଏ, ତେବେ ବୀମାଭୁକ୍ତ ବ୍ୟକ୍ତିଙ୍କ ଯୋଗଦାନ ମାଧ୍ୟମରେ ପ୍ରାପ୍ତ ପରିମାଣର ଫଳ ମୋଟର ଯାନ ଅଧିନିୟମ ଅନୁଯାୟୀ ଗ୍ରହଣଯୋଗ୍ୟ ରାଶିରୁ କିପରି କାଟି ହେବ । ବିନା କୌଣସି ସମ୍ପୃକ୍ତିରେ ସେ

> ଏହି ଅଧିନିୟମ ଅନୁଯାୟୀ ଅର୍ଥ ପାଇଥାନ୍ତି । ଯେପରି ଆମେ କହିଛୁ, ମୋଟର ଯାନ ଅଧିନିୟମ ଅନୁଯାୟୀ ଦେୟ କ୍ଷତିପୂରଣ ଆଇନଗତ ହୋଇଥିବାବେଳେ ଜୀବନ ବୀମା ପଲିସି ଅଧୀନରେ ଗ୍ରହଣଯୋଗ୍ୟ ପରିମାଣ ଚୁକ୍ତିଭିତ୍ତିକ ଅଟେ ।"

୮. ***ପାଟ୍ରିସିଆ ଜିନ୍ ମହାଜନ*** ମାମଲାରେ (ଉପରୋକ୍ତ), ମୃତ ବ୍ୟକ୍ତି ଜଣକ ଆମେରିକାରେ କାର୍ଯ୍ୟରତ ଜଣେ ଡାକ୍ତର ଥିଲେ । ଭାରତ ଗସ୍ତରେ ଥିବାବେଳେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ପତ୍ନୀ ମୃତକଙ୍କ ଜୀବନ ବୀମା ପଲିସି ପାଇଁ ୨,୫୦,୦୦୦ ଡଲାର ପାଇଥିଲେ । ସେ ୮ କିମ୍ବା ୯ ମାସ ପାଇଁ ବେକାରୀ ଭତ୍ତା ମଧ୍ୟ ପାଇଥିଲେ ଏବଂ ଏହି ପରିମାଣକୁ ମୂଲ୍ୟାଙ୍କନ କ୍ଷତିପୂରଣରୁ କାଟିବାକୁ ଅନୁରୋଧ କରାଯାଇଥିଲା । ***ହେଲେନ ସି. ରେବେଲୋ*** ମାମଲା (ଉପରୋକ୍ତ) ର ନିର୍ଣ୍ଣୟ ସମେତ ଏହି ବିଷୟ ଉପରେ ସମଗ୍ର ଆଇନକୁ ଉଲ୍ଲେଖ କରିବା ପରେ ଏହି ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି:

> "୩୬. ହେଲେନ ରେବେଲୋଙ୍କ କ୍ଷେତ୍ରରେ କରାଯାଇଥିବା ବିଚାର ସହିତ ଆମେ ସମ୍ପୂର୍ଣ୍ଣ ସହମତ ଯେ କ୍ଷତି ଏବଂ ଲାଭ ମଧ୍ୟରେ ସନ୍ତୁଳନ ନୀତି, ମୃତ୍ୟୁ କାରଣରୁ, କ୍ଷତିପୂରଣ ପରିମାଣରେ ପହଞ୍ଚିବା ଏକ ସାଧାରଣ ନିୟମ, କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ଦାବିଦାରଙ୍କ ଦ୍ୱାରା ଏହିପରି ପ୍ରାପ୍ତି ଗୁଡିକର ଦୁର୍ଘଟଣାଜନିତ ମୃତ୍ୟୁ ସହିତ କିଛି ସମ୍ପର୍କ ରହିବା ଆବଶ୍ୟକ ଯାହା କାରଣରୁ କେବଳ ଦାବିଦାରମାନେ ପରିମାଣ ପାଇଛନ୍ତି । ଆମେ ଭାବୁନାହୁଁ ଯେ ମାରାତ୍ମକ ଦୁର୍ଘଟଣା ଅଧିନିୟମ ଏବଂ ମୋଟର ଯାନ ଅଧିନିୟମ ମଧ୍ୟରେ ଥିବା ପାର୍ଥକ୍ୟ ଜନିତ ପ୍ରଶ୍ନ ଆମ ପାଇଁ ଆବଶ୍ୟକ ହେବ । ଏହି ରାୟର ପୂର୍ବ ଭାଗରେ ଉଲ୍ଲେଖ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଏହା ସ୍ପଷ୍ଟ ଯେ ସାମାଜିକ ସୁରକ୍ଷା କାରଣରୁ ଯେଉଁ ରାଶି ପ୍ରାପ୍ତ ହୋଇଥାଇପାରେ, ତାହା ଦୁର୍ଘଟଣା ଜନିତ ଆଘାତ କିମ୍ବା ମୃତ୍ୟୁ ସମ୍ବନ୍ଧିତ କିମ୍ବା ସମ୍ପର୍କିତ ହେବା ଆବଶ୍ୟକ, ଯାହା ନିର୍ଦ୍ଦିଷ୍ଟ କ୍ଷତିପୂରଣ ରାଶିରୁ ଛାଡ଼ ହେବା ଯୋଗ୍ୟ । ପ୍ରାପ୍ତ ରାଶି ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ କିଛି ପାରସ୍ପାରିକ ସମ୍ପର୍କ ରହିବା ଆବଶ୍ୟକ କିମ୍ବା ଏହା ସମାନ କ୍ଷେତ୍ରରେ ହୋଇପାରେ,ଏହାର

ଅନୁପସ୍ଥିତିରେ (ଏସଆଇସି) ପ୍ରାପ୍ତ ରାଶିକୁ କ୍ଷତିପୂରଣ ରାଶିରୁ କାଟି ହେବ ନାହିଁ। ତେଣୁ, ମୃତ ବ୍ୟକ୍ତିଙ୍କ ବୀମା ପଲିସିରୁ ମିଳିଥିବା ରାଶିକୁ କ୍ଷତିପୂରଣ ରାଶିରୁ କାଟି ହେବ ନାହିଁ, ଯଦିଓ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୀମାକୃତଙ୍କ ଅକାଳ ମୃତ୍ୟୁ ହେତୁ ବୀମା ରାଶିର ପ୍ରାପ୍ତି ତ୍ୱରାନ୍ୱିତ ହୋଇଥାଏ । ଏ ପର୍ଯ୍ୟନ୍ତ ବୀମା କମ୍ପାନୀ ପାଇଁ ବିଦ୍ୱାନ ଅଧିବକ୍ତା ଯେଉଁସବୁ ବିଷୟ ଉପରେ ଜୋର ଦେଇ ଅନୁରୋଧ କରିଛନ୍ତି, ଉଦାହରଣ ସ୍ୱରୂପ, ପିଲାମାନଙ୍କୁ ଏବଂ  ଶ୍ରୀମତୀ ପାଟ୍ରିସିଆ ମହାଜନଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଦିଆଯାଉଥିବା କିଛି ଭତ୍ତା, ସେହି ପ୍ରାପ୍ତିଗୁଡିକର ଦୁର୍ଘଟଣା ଜନିତ ମୃତ୍ୟୁ ସହିତ କୌଣସି ସମ୍ପର୍କ ନାହିଁ ବୋଲି ଯାହା ଦର୍ଶାଯାଇଛି ତାହା ଖୁବ କମ୍ ପ୍ରତିପାଦିତ କରାଯାଇଛି । ଏହି ତଥ୍ୟ ବ୍ୟତୀତ ଯେ ଏହି ପାଣ୍ଠି ଗଠନ ପାଇଁ ବିଭିନ୍ନ ଉତ୍ସରୁ ଯୋଗଦାନ ଆସିଥାଏ, ଯେଉଁଥିରୁ ସାମାଜିକ ସୁରକ୍ଷା ବ୍ୟବସ୍ଥା କାରଣରୁ ଦେୟ ପ୍ରଦାନ କରାଯାଇଥାଏ, ଏହି ପାଣ୍ଠିର ଏକ ଅଂଶ ହେଉଛି ଟିକସ ଯାହା ଏହି ଉଦ୍ଦେଶ୍ୟରେ ଆୟରୁ କାଟି ଦିଆଯାଏ । ଆମେ ଅନୁଭବ କରୁଛୁ ଯେ ଉଚ୍ଚ ନ୍ୟାୟାଳୟ ବୀମା ପଲିସି ଅନ୍ତର୍ଗତ ପ୍ରାପ୍ତି ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ ଅନ୍ୟାନ୍ୟ ପ୍ରାପ୍ତି ଉପରେ କୌଣସି ଛାଡ଼କୁ ଯଥାର୍ଥ ଭାବରେ ଅନୁମତି ଦେଇନାହାଁନ୍ତି, ଯାହା ଡ. ମହାଜନଙ୍କ ଆକସ୍ମିକ ମୃତ୍ୟୁ ସତ୍ତ୍ୱେ ଦାବିଦାର ମଧ୍ୟ ପାଇବାକୁ ହକଦାର ହୋଇଥାନ୍ତେ । ଯଦି ଉପସର୍ଗ "ଯେକୌଣସି ଉତ୍ସରୁ ପ୍ରାପ୍ତି" କୁ ଏତେ ବ୍ୟାପକ ଭାବରେ ବ୍ୟାଖ୍ୟା କରାଯାଏ ଯେ ଏହା ସମସ୍ତ ପ୍ରାପ୍ତିକୁ ଅନ୍ତର୍ଭୁକ୍ତ କରିପାରେ, ଯାହା କେବଳ ପୀଡିତାଙ୍କ ମୃତ୍ୟୁକୁ ଦୃଷ୍ଟିରେ ରଖି ଦାବିଦାରଙ୍କ ହାତକୁ ଆସିପାରେ, ଏହା କେବଳ ଦୁର୍ଘଟଣାଜନିତ ମୃତ୍ୟୁ କାରଣରୁ ନ୍ୟାୟସଙ୍ଗତ କ୍ଷତିପୂରଣ ପ୍ରଦାନ କରୁଥିବା ଅଧିନିୟମର ଉଦ୍ଦେଶ୍ୟକୁ ପରାସ୍ତ କରିବ । ଏପରି ଲାଭ, ସମ୍ଭବତଃ ସଞ୍ଚୟ କିମ୍ବା ଅନ୍ୟ ନିବେଶ ଇତ୍ୟାଦି ମୃତକଙ୍କ ଦ୍ୱାରା କରାଯାଇଥିବା କାରଣରୁ ହୋଇପାରେ, ତ୍ରୁଟି କରିଥିବା ବ୍ୟକ୍ତିଙ୍କ ଲାଭ ପାଇଁ ଯିବ ନାହିଁ ଏବଂ ଦାବିଦାର ଯଦି କେବେ ବୀମା ପଲିସି ନେଇନାହାଁନ୍ତି କିମ୍ବା ଭବିଷ୍ୟତର ପ୍ରାପ୍ତି ପାଇଁ ନିବେଶ କରିନାହାଁନ୍ତି, ତେବେ ତାଙ୍କୁ ଅଧିକ ଖରାପ ସ୍ଥିତିରେ ଛାଡ଼ିବା ଉଚିତ ନୁହେଁ ।"

୯. ଏହା ପରେ, ***ବିମଳ କାନୱାର ବନାମ କିଶୋର ଦାନ***[6]ରେ ସମାନ ମାମଲା ବିଚାର ପାଇଁ ଆସିଥିଲା । ***ହେଲେନ ସି. ରେବେଲୋ*** ମାମଲା (ଉପରୋକ୍ତ) ଅନୁସରଣ କରି ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ ଭବିଷ୍ୟନିଧି ପାଣ୍ଠି, ଅବସରକାଳୀନ ଭତ୍ତା ଏବଂ ବୀମା ମାଧମରେ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରାପ୍ତ ରାଶିକୁ 'ଆର୍ଥିକ ଲାଭ' କୁହାଯାଇପାରିବ ନାହିଁ ଯାହା ଛାଡ଼ ପାଇଁ ଦାୟୀ । ଏହି ନ୍ୟାୟାଳୟ ଏହା ମଧ କହିଛନ୍ତି ଯେ ଅନୁକମ୍ପା ନିଯୁକ୍ତି ଉପରେ ପ୍ରାପ୍ତ ଦରମା କାଟି ହେବ ନାହିଁ ।

୧୦. ***ଶଶି ଶର୍ମା*** ମାମଲାରେ (ଉପରୋକ୍ତ) ଏହି ଅଦାଲତ ମୃତ ସରକାରୀ କର୍ମଚାରୀଙ୍କ ନିର୍ଭରଶୀଳଙ୍କୁ ହରିୟାଣା ଅନୁକମ୍ପା ସହାୟତା ନିୟମ, ୨୦୦୬ (ସଂକ୍ଷେପରେ 'ଉକ୍ତ ନିୟମ') ର ନିୟମ ୫ (୧) ଅନୁଯାୟୀ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ଦିଆଯାଇଥିବା ଦେୟ ଉପରେ ବିଚାର କରୁଥିଲେ । ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଉପରେ ଉକ୍ତ ନିୟମଗୁଡିକ ଅଧୀନରେ ଥିବା ନିୟମ ୫ ଅନୁଯାୟୀ, ପରିବାର ନିୟମରେ ନିର୍ଦ୍ଧାରିତ ଅବଧି ପାଇଁ ମୃତ କର୍ମଚାରୀଙ୍କ ଦ୍ୱାରା ଶେଷ ଥର ପାଇଁ ନିଆଯାଇଥିବା ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସହିତ ସମାନ ପରିମାଣର ଆର୍ଥିକ ସହାୟତା ପାଇବା ଜାରି ରଖିବ ଏବଂ ଉକ୍ତ ଅବଧି ପରେ ପରିବାର ଅବସର କାଳୀନ ଭତ୍ତା ପାଇବାକୁ ହକଦାର ଥିଲେ ।୨୫,୦୦୦ ଟଙ୍କାର ଅନୁଗ୍ରହ ରାଶି ପ୍ରଦାନ ସହିତ ଏକ ବର୍ଷ ପାଇଁ ସରକାରୀ ଆବାସ ରଖିବାକୁ ପରିବାରଟି ହକଦାର ଥିଲା । ଏହି ମାମଲାରେ ତିନିଜଣିଆ ବିଚାରପୀଠ ***ହେଲେନ ସି. ରେବେଲୋ*** ମାମଲା (ଉପରୋକ୍ତ) ରେ ନିର୍ଦ୍ଧାରିତ ନୀତିଗୁଡ଼ିକୁ ଅନୁସରଣ

[6] (୨୦୧୩) ୭ ଏସ.ସି.ସି ୪୭୬

କରିଥିଲେ, ଏବଂ ***ପାଟ୍ରିସିଆ ଜିନ୍ ମହାଜନ*** ମାମଲା (ଉପରୋକ୍ତ) ଅନୁସରଣ କରିଥିଲେ, ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ***ବିମଲ କାନୱାର*** ମାମଲା (ଉପରୋକ୍ତ) ରେ ଉପସଂହାର ***ହେଲେନ ସି. ରେବେଲୋ*** କିମ୍ବା ***ପାଟ୍ରିସିଆ ଜିନ୍ ମହାଜନ*** ମାମଲା(ଉପରୋକ୍ତ)ର ବିପରୀତ ଦୃଷ୍ଟିକୋଣ ନିର୍ଣ୍ଣୟ କରିନଥିଲା ।

ନିମ୍ନଲିଖିତ ଟିପ୍ପଣୀ ଗୁଡ଼ିକ ପ୍ରାସଙ୍ଗିକ:

> "୧୫. ହେଲେନ ସି. ରେବେଲୋ ମାମଲାର ଏହି ନିର୍ଣ୍ଣୟରେ ଏହି ସିଦ୍ଧାନ୍ତକୁ ବ୍ୟାଖ୍ୟା କରାଯାଇଥିଲା ଯେ ମୋଟର ଯାନ ଅଧିନିୟମ ଅଧୀନରେ କ୍ଷତିପୂରଣ ଗଣନା ପାଇଁ ପ୍ରଚଳିତ ଆଇନ ଅନୁଯାୟୀ କ୍ଷତି ଆକଳନ କରିବାକୁ ସାଧାରଣ ନୀତିଗୁଡ଼ିକର ପ୍ରୟୋଗକୁ ଆହ୍ୱାନ କରାଯାଇପାରିବ ନାହିଁ । ଅଧିକନ୍ତୁ, ଯେକୌଣସି ଉତ୍ସରୁ "ଆର୍ଥିକ ଲାଭ" ମୋଟର ଦୁର୍ଘଟଣା କାରଣରୁ ହୋଇଥିବା ଆଘାତ କିମ୍ବା ମୃତ୍ୟୁ ସହିତ ଜଡିତ ହେବା ଆବଶ୍ୟକ । ଏହିପରି ଦୃଷ୍ଟିକୋଣ ହେଉଛି ୧୯୩୯ ମୋଟର ଯାନ ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ସଠିକ୍ ବିଶ୍ଳେଷଣ ଏବଂ ବ୍ୟାଖ୍ୟା, ଏବଂ ମୋଟର ଯାନ ଅଧିନିୟମ ୧୯୮୮ର ଅନୁରୂପ ବ୍ୟବସ୍ଥାଗୁଡ଼ିକ ପାଇଁ ସମ୍ପୃକ୍ତ ଶବ୍ଦର ଅର୍ଥବିଶେଷ ପ୍ରୟୋଗ କରାଯିବା ଆବଶ୍ୟକ । "ସାମାଜିକ ସୁରକ୍ଷା କ୍ଷତିପୂରଣ" ଏବଂ "ଜୀବନ ବୀମା ପଲିସି" ମାଧ୍ୟମରେ ମୃତକଙ୍କ ନିର୍ଭରଶୀଳଙ୍କ ଦ୍ୱାରା ପ୍ରାପ୍ୟ ରାଶି କାଟିବା ପାଇଁ ବୀମା କମ୍ପାନୀର ତର୍କକୁ ପ୍ରତ୍ୟାଖ୍ୟାନ କରିବାକୁ ପାଟ୍ରିସିଆ ଜିନ୍ ମହାଜନ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠଙ୍କ ପରବର୍ତ୍ତୀ ନିଷ୍ପତ୍ତିରେ ଏହି ସିଦ୍ଧାନ୍ତକୁ ପୁନର୍ବାର ଦର୍ଶାଯାଇଛି ।"

ତେବେ ଏହି ଯୋଜନା ଉପରେ ବିଚାର କରିବା ସମୟରେ ନ୍ୟାୟାଳୟ କହିଥିଲେ ଯେ ଏକ ସୁସଙ୍ଗତ ଆଭିମୁଖ୍ୟ ଗ୍ରହଣ କରି ଏବଂ ମୋଟର ଯାନ ଅଧିନିୟମ ଅନୁଯାୟୀ

ଦେୟଯୋଗ୍ୟ ଏକ ନ୍ୟାୟସଙ୍ଗତ କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ ଉକ୍ତ ନିୟମ ଅନୁଯାୟୀ ପ୍ରାପ୍ତ ରାଶିକୁ କର୍ମଚାରୀଙ୍କ ଦ୍ୱାରା ଶେଷ ଥର ପାଇଁ ଉଠାଯାଇଥିବା 'ବେତନ ଏବଂ ଅନ୍ୟାନ୍ୟ ଭତ୍ତା' ଶୀର୍ଷକ ଅଧୀନରୁ ବାଦ ଦେବା ଉପଯୁକ୍ତ ହେବ । ଆମେ ଟିପ୍ପଣୀ କରିପାରୁ ଯେ ନୀତିଗତ ଭାବେ ଏହି ନ୍ୟାୟାଳୟ ***ହେଲେନ ସି. ରିବେଲୋ*** କିମ୍ବା ***ପାଟ୍ରିସିଆ ଜିନ୍ ମହାଜନ*** ମାମଲାରେ (ଉପରୋକ୍ତ) ଦିଆଯାଇଥିବା ପ୍ରସ୍ତାବ ସହିତ ଅସହମତି ପ୍ରକାଶ କରିନାହାଁନ୍ତି, କିନ୍ତୁ ଏକ ନ୍ୟାୟସଙ୍ଗତ କ୍ଷତିପୂରଣରେ ପହଞ୍ଚିବା ବେଳେ, ଏହା ବୈଧାନିକ ନିୟମ ଅନୁଯାୟୀ ପ୍ରାପ୍ତ ଦରମା କାଟିବାକୁ ନିର୍ଦ୍ଦେଶ ଦେଇଥିଲା ।

୧୧. ଭାରତୀୟ ନ୍ୟାୟାଳୟମାନେ କ୍ଷତିପୂରଣର ମୂଲ୍ୟାଙ୍କନ କରିବା ସମୟରେ ଗୁଣକ ବ୍ୟବସ୍ଥାକୁ ନିରନ୍ତର ଭାବେ ଅନୁସରଣ କରିଆସିଛନ୍ତି ଏବଂ ଗୁଣକର ପ୍ରକାର ସମ୍ପର୍କରେ ***ସାରଳା ବର୍ମା*** (ଉପୋରୋକ୍ତ) ରେ ଏହି ନ୍ୟାୟାଳୟଙ୍କ ରାୟକୁ ଏହି ନ୍ୟାୟାଳୟଙ୍କର ଏକ ସାମ୍ବିଧାନିକ ଖଣ୍ଡପୀଠ ଦ୍ୱାରା ***ପ୍ରଣୟ ସେଠୀ*** (ଉପୋରୋକ୍ତ) ରେ ପୁନରାବୃତ୍ତି କରାଯାଇଛି ।

୧୨. ଆଇନ ଭଲ ଭାବରେ ସ୍ଥିର ହୋଇଛି ଯେ ବୀମା କିମ୍ବା ଅବସରକାଳୀନ ଭତ୍ତା ଲାଭ କିମ୍ବା ଅନୁତୋଷ କିମ୍ବା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ନିଯୁକ୍ତି ପ୍ରଦାନ କାରଣରୁ କ୍ଷତିପୂରଣ ରାଶିରୁ ବିୟୋଗ କରିବା ଅନୁମତି ଦିଆଯାଇପାରିବ ନାହିଁ । ଏହାର ମୁଖ୍ୟ କାରଣ ହେଉଛି, ଏହି ସମସ୍ତ ଅର୍ଥ ମୃତକ ଜଣଙ୍କ ଦ୍ୱାରା ଅନ୍ୟମାନଙ୍କ ସହିତ ହୋଇଥିବା

ଚୁକ୍ତିଭିତ୍ତିକ ସମ୍ପର୍କ କାରଣରୁ ଅର୍ଜିତ ହୋଇଛି । ଏହା କୁହାଯାଇପାରିବ ନାହିଁ ଯେ ଏକ ମୋଟର ଯାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେତୁ ମୃତ ବ୍ୟକ୍ତିଙ୍କ ନିର୍ଭରଶୀଳ କିମ୍ବା ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ଏହି ରାଶି ଉପାର୍ଜିତ ହୋଇଛି । ମୋଟର ଯାନ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ମୋଟର ଯାନ ଅଧିନିୟମ ଅନ୍ତର୍ଗତ 'ନ୍ୟାୟସଙ୍ଗତ କ୍ଷତିପୂରଣ' ପାଇବାକୁ ଦାବିଦାର/ନିର୍ଭରଶୀଳମାନେ ହକଦାର । ତେଣୁ, ଏହାର ସ୍ୱାଭାବିକ ପରିଣାମ ହେଉଛି ଯେ କୌଣସି ଚୁକ୍ତି କିମ୍ବା ଅଧିନିୟମର ଫଳସ୍ୱରୂପ ମୃତ ବ୍ୟକ୍ତିଙ୍କ ସମ୍ପତ୍ତି କିମ୍ବା ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ ଯେଉଁ ଲାଭ ମିଳିଥାଏ, ତାହା ମୃତବ୍ୟକ୍ତିଙ୍କ ମୃତ୍ୟୁର ଫଳାଫଳ ବା ପରିଣାମ ବୋଲି କୁହାଯାଇପାରିବ ନାହିଁ, ଯଦିଓ ଏହି ପରିମାଣ ତାଙ୍କ ମୃତ୍ୟୁ ପରେ ହିଁ ନିର୍ଭରଶୀଳ ବ୍ୟକ୍ତିଙ୍କ ହାତକୁ ଯାଇପାରେ ।

୧୩. ଯେ ପର୍ଯ୍ୟନ୍ତ କୌଣସି ବୀମା ପଲିସି ଅଧୀନରେ ପ୍ରଦାନ କରାଯାଇଥିବା କୌଣସି ରାଶି ସମ୍ବନ୍ଧରେ, ମୃତକ କିମ୍ବା ତାଙ୍କ ନିର୍ଭରଶୀଳଙ୍କ ସମ୍ପତ୍ତିରେ ଯାହା କିଛି ଯୋଡାଯାଏ, ତାହା ମୃତ ବ୍ୟକ୍ତିଙ୍କ ମୃତ୍ୟୁ କାରଣରୁ ନୁହେଁ, ବରଂ ମୃତକ ଏବଂ ବୀମା କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତି କାରଣରୁ ହୋଇଥାଏ, ଯେଉଁଠାରୁ ସେ ବୀମା ନେଇଥିଲେ । ମୃତକ ଏପରି ଜୀବନ ବୀମା ପାଇଁ ବୀମା କିସ୍ତି ପ୍ରଦାନ କରିଥିଲେ ଏବଂ ଏହି ରାଶି ବୀମାର ପରିପକ୍ୱତା ପରେ କିମ୍ବା ତାଙ୍କ ମୃତ୍ୟୁ ପରେ, ତାଙ୍କ ମୃତ୍ୟୁର ପଦ୍ଧତି ଯାହା ହେଉନା କାହିଁକି, ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ଉପାର୍ଜିତ ହୋଇଥାନ୍ତା । ଏହି ରାଶି ପ୍ରଦାନ କରାଯାଏ କାରଣ ମୃତକ ବୁଦ୍ଧିମାନ ଭାବରେ ତାଙ୍କର ସଞ୍ଚୟ ବିନିଯୋଗ କରିଛନ୍ତି । ବ୍ୟାଙ୍କ ଜମା, ଅଂଶ,

ଋଣପତ୍ର ଇତ୍ୟାଦି ଭଳି ଅନ୍ୟ ନିବେଶ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ରହିବ । ତ୍ରୁଟିକର୍ତ୍ତା ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଦୂରଦୃଷ୍ଟି ଏବଂ ବୁଦ୍ଧିମାନ ଆର୍ଥିକ ନିବେଶର ଫାଇଦା ନେଇପାରିବେ ନାହିଁ ।

୧୪. ଅବସରକାଳୀନ ଭତ୍ତା ଏବଂ ଅନୁତୋଷର ପରିମାଣ ବିଷୟରେ କହିବାକୁ ଗଲେ, ମୃତକ ଜଣକ ନିଜ ନିଯୁକ୍ତିଦାତାଙ୍କୁ ପ୍ରଦାନ କରିଥିବା ସେବା କାରଣରୁ ଏହା ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ଏହା ସେବା ନ୍ୟାୟଶାସ୍ତ୍ରର ଏକ ପ୍ରତିଷ୍ଠିତ ନୀତି ଯେ ଅବସରକାଳୀନ ଭତ୍ତା ଏବଂ ଅନୁତୋଷ ହେଉଛି ମୃତକଙ୍କର ସମ୍ପତ୍ତି । ସ୍ୱଭାବତଃ ସେଗୁଡିକ ସ୍ଥଗିତ ମଜୁରୀ ପ୍ରକୃତିର । ମୃତ କର୍ମଚାରୀ ତାଙ୍କ ଜୀବନ ସାରା ଏହି ଆଶାରେ କାମ କରନ୍ତି ଯେ ତାଙ୍କ ଅବସର ପରେ ସେ ଅବସରକାଳୀନ ଭତ୍ତା ଏବଂ ଅନୁତୋଷ ଭାବରେ ଯଥେଷ୍ଟ ପରିମାଣର ରାଶି ପାଇବେ । ମୃତ୍ୟୁର କାରଣ ଯାହା ହେଉ ନା କାହିଁକି, ଏହି ପରିମାଣଗୁଡ଼ିକ ମୃତ୍ୟୁ ପରେ ଦେୟଯୋଗ୍ୟ । ତେଣୁ, ସେହି ସମାନ ନୀତି ପ୍ରୟୋଗ କରି, ଉକ୍ତ ପରିମାଣକୁ କାଟି ହେବ ନାହିଁ ।

୧୫. ***ପେରି*** ବନାମ ***କ୍ଲିଭର୍***[7] ରେ ହାଉସ୍ ଅଫ୍ ଲର୍ଡସ୍ ଦ୍ୱାରା ଯେପରି କୁହାଯାଇଛି ବୀମା ରାଶି ହେଉଛି ଅତୀତରେ ପ୍ରଦାନ କରାଯାଇଥିବା ବୀମା କିସ୍ତିର ପରିଣାମ, ଅବସରକାଳୀନ ଭତ୍ତା ହେଉଛି ପୂର୍ବରୁ ପ୍ରଦାନ କରାଯାଇଥିବା ସେବାର ଫଳ ଏବଂ

[7] ୧୯୬୯ ଏସିଯେ ୩୬୩

ଏହାର  ଲାଭ ଭୁଲ କରୁଥିବା ବ୍ୟକ୍ତିଙ୍କୁ ମୂଲ୍ୟାଙ୍କନ ହୋଇଥିବା କ୍ଷତିରୁ କାଟି ଦିଆଯିବା ଉଚିତ ନୁହେଁ  ।

୧୬. ଛାଡ଼ର ଆଦେଶ କେବଳ ସେତେବେଳେ ଦିଆଯାଇପାରିବ ଯେତେବେଳେ ତ୍ରୁଟିକର୍ତ୍ତା ଅଦାଲତଙ୍କୁ ସନ୍ତୁଷ୍ଟ କରନ୍ତି ଯେ କେବଳ ଏକ ମୋଟର ଯାନ ଦୁର୍ଘଟଣା ମୃତ ବ୍ୟକ୍ତିଙ୍କ ମୃତ୍ୟୁ ହେତୁ ଦାବିଦାରମାନଙ୍କୁ ଏହି ରାଶି ଉପାର୍ଜିତ ହୋଇଛି ।

୧୭. ଆମ ସମ୍ମୁଖରେ ଥିବା ସମସ୍ୟା ହେଉଛି ଆୟର କ୍ଷତି ହିସାବ କରିବା ସମୟରେ ଆମେ ପରିବାର ସଦସ୍ୟଙ୍କ ଦ୍ୱାରା ଇ.ଏଫ୍.ବି. ଯୋଜନା ଅଧୀନରେ ଗ୍ରହଣ କରାଯାଉଥିବା ରାଶିକୁ କାଟିବା ଉଚିତ କି ?

୧୮. ***ଶଶି ଶର୍ମା*** ମାମଲା (ଉପରୋକ୍ତ)ରେ ଏହି ନ୍ୟାୟାଳୟଙ୍କ ବିଚାରଧୀନ ଥିବା ନିୟମଗୁଡ଼ିକ ଠାରୁ ଇ.ଏଫ୍.ବି. ଯୋଜନା ସମ୍ପୂର୍ଣ୍ଣ ଭିନ୍ନ ।  ଏହି ଯୋଜନା ଅଧୀନରେ, କର୍ମଚାରୀଙ୍କ ମୃତ୍ୟୁ ପରେ ମୃତ କର୍ମଚାରୀଙ୍କ ମନୋନୀତ କିମ୍ବା ଆଇନଗତ ଉତ୍ତରାଧିକାରୀଙ୍କୁ ସେମାନଙ୍କୁ ପ୍ରଦାନ କରାଯାଉଥିବା ସମସ୍ତ ଅନୁତୋଷ ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧା ଜମା କରିବାକୁ ପଡିବ ।

୧୯. ବର୍ତ୍ତମାନର ମାମଲାରେ ଏହା ପ୍ରମାଣିତ ହୋଇଛି ଯେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଦାବିଦାରମାନେ ସେମାନଙ୍କ ଦ୍ୱାରା ପ୍ରାପ୍ତ ୨୭,୪୩,୯୯୧ ଟଙ୍କା ନିଯୁକ୍ତିଦାତାଙ୍କ ନିକଟରେ ଜମା କରିଛନ୍ତି ଏବଂ ବର୍ତ୍ତମାନ ମାସକୁ ପ୍ରାୟ ୫୦,୦୮୨ ଟଙ୍କା ପାଉଛନ୍ତି । ୫୦,୦୮୨ ଟଙ୍କାର ଏହି ରାଶି କେବଳ ମୃତ ବ୍ୟକ୍ତିଙ୍କ ଅବସର ଗ୍ରହଣ ତାରିଖ ପର୍ଯ୍ୟନ୍ତ

ଇ.ଏଫ୍.ବି. ଯୋଜନା ଅଧୀନରେ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ । ଯଦି ୨୭,୪୩,୯୯୧ ଟଙ୍କା ଉପରେ ବାର୍ଷିକ ୧୨ ପ୍ରତିଶତ ହାରରେ ସୁଧ ହିସାବ କରାଯାଏ, ତେବେ ଏହା ବର୍ଷକୁ ୩,୩୦,୦୦୦ ଟଙ୍କା  କିମ୍ବା ମାସକୁ ୨୭,୫୦୦ ଟଙ୍କା ହେବ । ଆବେଦନକାରୀ-ଦାବିଦାରମାନେ ମାସକୁ ପ୍ରାୟ ୫୦,୦୦୦ ଟଙ୍କା  ପାଉଛନ୍ତି ଅର୍ଥାତ୍ ପ୍ରାୟ ମାସକୁ ୨୨,୫୦୦ ଟଙ୍କା ଅଧିକ, କିନ୍ତୁ ଏହା କେବଳ ୩୦.୦୪.୨୦୨୧ ପର୍ଯ୍ୟନ୍ତ ପ୍ରାୟ ୭ ବର୍ଷର ଅବଧି ପାଇଁ ପ୍ରଦାନ କରାଯିବ । ଏହା ପରେ ଏହି ଦେୟ ବନ୍ଦ ହୋଇଯିବ ।

୨୦. ଉପରୋକ୍ତ ଦେୟ ***ଶଶି ଶର୍ମା*** ମାମଲା (ଉପରୋକ୍ତ),ରେ ନିଯୁକ୍ତିଦାତାଙ୍କ ଦ୍ୱାରା କରାଯାଇଥିବା ଦେୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯାହା ବୈଧାନିକ ପ୍ରକୃତିର ଥିଲା । ତେଣୁ, ଆମେ ବିଶ୍ୱାସ କରୁ ଯେ ଏହି ପରିମାଣକୁ କାଟି ହେବ ନାହିଁ ।

୨୧. ତଥାପି, ଯେହେତୁ ଦାବିଦାରମାନେ ଯଥେଷ୍ଟ ଲାଭ ପାଉଛନ୍ତି, ଆମେ ଅନୁଭବ କରୁଛୁ ଯେ ମାମଲାର ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତିରେ ଭବିଷ୍ୟତର ସମ୍ଭାବନାକୁ ଧ୍ୟାନରେ ନ ରଖି ଏମ.ଏ.ସି.ଟି. ଠିକ୍ ଥିଲେ । ତେଣୁ, ଯଦିଓ ଆମେ ଦାବିଦାରମାନଙ୍କର ଦେୟ ରାଶି କାଟିବାକୁ ଇଚ୍ଛୁକ ନୁହଁ, ଆମେ ଅନୁଭବ କରୁ ଯେ ମାମଲାର ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତିରେ, ସେମାନେ ଭବିଷ୍ୟତର ସମ୍ଭାବନା ମାଧ୍ୟମରେ ୧୫ ପ୍ରତିଶତର ଅନ୍ୟ ରାଶି ଦାବି କରିବାକୁ ହକଦାର ନୁହଁନ୍ତି । ଇ.ଏଫ୍.ବି. ଯୋଜନା ଅଧୀନରେ ପ୍ରଦାନ ଅଧିକ ଅର୍ଥ

ଭବିଷ୍ୟତ ସମ୍ଭାବନାର କ୍ଷତିର ସମମୂଲ୍ୟ । ଏହା, ଆମ ମତ ଅନୁସାରେ, 'ନ୍ୟାୟସଙ୍ଗତ' କ୍ଷତିପୂରଣ ହେବ ।

୨୨. ଏହା ବିବାଦୀୟ ନୁହେଁ ଯେ ମହଙ୍ଗାଭତ୍ତା ସମେତ ମୃତକଙ୍କ ଶେଷ ଆୟ ଥିଲା ୫୮,୫୬୫ ଟଙ୍କା । ଏହି ରାଶି ଉପରେ, ମୃତକ ନିଶ୍ଚିତ ଭାବରେ କିଛି ଆୟକର ଦେଉଥିବେ । ଯେହେତୁ ଏହାର ସଠିକ୍ ଆକଳନ ପ୍ରଦାନ କରାଯାଇ ନାହିଁ, ଏହି ଉଦ୍ଦେଶ୍ୟରେ ଆମେ ମାସକୁ ପ୍ରାୟ ୨,୫୬୫ ଟଙ୍କା କାଟୁ ଏବଂ ଆୟର କ୍ଷତି ଗଣନା ଉଦ୍ଦେଶ୍ୟରେ, ମାସକୁ ଆୟ ଭାବରେ ୫୬,୦୦୦ ଟଙ୍କା ଆକଳନ କରୁ । ପରିବାର ଉପରେ ନିର୍ଭରଶୀଳତାର କ୍ଷତି ବାବଦକୁ ମାସିକ ୩୭,୩୩୩ ଟଙ୍କା ବଳକା ଛାଡି ଏହି ରାଶିରୁ ୧/୩ ଅର୍ଥାତ ୧୮,୬୬୭ ଟଙ୍କା ବ୍ୟକ୍ତିଗତ ଖର୍ଚ୍ଚ ବାବଦକୁ କଟାଯାଇଛି, ଯାହା ହିସାବରେ ବାର୍ଷିକ ୪,୪୭,୯୯୬ ଟଙ୍କା ଅଟେ । ୧୧ ର ଗୁଣକ ପ୍ରୟୋଗ କରି, ହିସାବ କଲେ କ୍ଷତିପୂରଣ ୪୯,୨୭ ,୯୫୬ ଟଙ୍କା ଆସେ । ଏହା ସହିତ, ***ପ୍ରଣୟ ସେଠୀ*** ମାମଲା (ଉପରୋକ୍ତ)ରେ ଏହି ନ୍ୟାୟାଳୟଙ୍କ ରାୟ ଅନୁଯାୟୀ, ଦାବିଦାରମାନେ ସମ୍ପତ୍ତିର କ୍ଷତି ପାଇଁ ୧୫,୦୦୦ ଟଙ୍କା, ସହାୟତା କ୍ଷତି ପାଇଁ ୪୦,୦୦୦ ଟଙ୍କା , ଅନ୍ତିମ ସଂସ୍କାର ଖର୍ଚ୍ଚ ପାଇଁ ୧୫,୦୦୦ ଟଙ୍କା ପାଇବାକୁ ହକଦାର ଅଟନ୍ତି, ଅର୍ଥାତ୍ ମୋଟ ୪୯,୯୭,୯୫୬ ଟଙ୍କା ଯାହା ୫୦,୦୦,୦୦୦ ଟଙ୍କାରେ ପରିଣତ ହୋଇଛି । ଏହି ରାଶି ଉପରେ, ଦାବିଦାର ଆବେଦନ ଦାଖଲ କରିବା ତାରିଖ ଠାରୁ ଦେୟ ପ୍ରଦାନ ପର୍ଯ୍ୟନ୍ତ ବାର୍ଷିକ ୯ ପ୍ରତିଶତ ହାରରେ ସୁଧ ପାଇବାକୁ ହକଦାର ହେବେ । ସ୍ୱଷ୍ଟତଃ, ବୀମା କମ୍ପାନୀ

ତା ଦ୍ୱାରା ପୂର୍ବରୁ ପ୍ରଦାନ କରାଯାଇଥିବା ରାଶିକୁ କାଟିବା/ବ୍ୟବସ୍ଥିତ କରିବାର ଅଧିକାର ରଖିବ ।

୨୩. ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନଗୁଡିକୁ ଅନୁମତି ଦିଆଯାଇଛି । ଯଦି ବିଚାରାଧୀନ ଆବେଦନ (ଗୁଡ଼ିକ), କିଛି ଥାଏ, ସେଗୁଡ଼ିକୁ ନିକାଶ କରାଗଲା ।

**.................ନ୍ୟାୟମୂର୍ତ୍ତି**
**(ମଦନ ବି. ଲୋକୁର)**

**.................ନ୍ୟାୟମୂର୍ତ୍ତି**
**(ଏସ୍. ଅବଦୁଲ ନଜିର)**

**.................ନ୍ୟାୟମୂର୍ତ୍ତି**
**(ଦୀପକ ଗୁପ୍ତା)**

**ନୂଆ ଦିଲ୍ଲୀ**
**୧୨ ଅକ୍ଟୋବର,୨୦୧୮**

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

Translated by
Tapaswini Biswal
High Court of Orissa